## ୩ ମୋବାଇଲ ଚୋର ଗିରଫ

**ବାଲେଶ୍ୱର, ୩।୧(ସମିସ):** ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରୁ ମୋବାଇଲ ଚୋରି କରିଥିବା ଅଭିଯୋଗରେ ଟାଉନ ଥାନା ପୁଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନଙ୍କଠାରୁ ୬ଟି ମୋବାଇଲ ଫୋନ ଜବତ ହୋଇଛି। ଏମାନଙ୍କ ବିରୋଧରେ ଟାଉନ ଥାନାରେ ୨ଟି ଭିନ୍ନ ଭିନ୍ନ ମାମଲା ରୁଜୁ ହେଇଛି।

## ଅଧ୍ୟାପକ ସନ୍ତୋଷ ରାଉତ ସମ୍ମାନିତ



**ବାଲେଶ୍ୱର, ୩।୧(ସମିସ):** ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ଉପାଧ୍ୟକ୍ଷ ଡ. ସନ୍ତୋଷ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ତରାସ୍ଥିତ ଅଗଣି ନରେନ୍ଦ୍ର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ୨୦୧୭ରୁ ସେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି। ଏଣୁ ଶ୍ରୀ ରାଉତଙ୍କୁ ଶ୍ରେଷ୍ଠ ଜିଲ୍ଲା ସଂଯୋଜକ ଭାବେ ସମ୍ବର୍ଦ୍ଧିତ କରାଯାଇଛି।

## ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିୟନର ଶ୍ରଦ୍ଧାଞ୍ଜଳି ସଭା



**ବାଲେଶ୍ୱର, ୩।୧(ସମିସ):** ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନର ଉପସଭାପତି ମୁକ୍ତିକାନ୍ତ ପଣ୍ଡାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ବାଲିଆସ୍ଥିତ ସଂଘ ଗୃହରେ ଜଗଦୀଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ସଂଘର ବରିଷ୍ଠ ତଥା ବିଶିଷ୍ଟ ନେତୃମଣ୍ଡଳୀ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଆବର୍ତ୍ତମାନର ଅନେକ ଶୃତିଚାରଣ କରିଥିଲେ ଏହି ସଭାରେ ଅକ୍ଷୟ ଜେନା, ଆଶିଷ ଜେନା, ଭରତ ଚନ୍ଦ୍ର ସେଠି, ବୃନ୍ଦାବନ ମହାନ୍ତି, ରବୀନ୍ଦ୍ର ନାଥ ବେରା, ତପନ ବେହେରା, ସପନ ଦାସ, ରାମକୃଷ୍ଣ ପାତ୍ର, ରମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାସାୟନିକ ବିପର୍ଯ୍ୟୟ ଉପରେ ସମ୍ମିଳନୀ



**ବାଲେଶ୍ୱର, ୩।୧(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏନ୍ଆଇସି ସମ୍ମିଳନୀ କକ୍ଷରେ ରାସାୟନିକ ବିର୍ଯ୍ୟୟର ଅଭିମୁଖୀକରଣ ଏବଂ ସମନ୍ୱୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କ ସହ ଫାଲକନ ଇଣ୍ଡଷ୍ଟ୍ରି ଓ ଇଣ୍ଡେନ ବଟଲିଂ କମ୍ପାନୀର ଅଧିକାରୀମାନେ ଯୋଗ ଦେଇଥିଲେ। ୧୧ତାରିଖରେ ମକ୍ ଏକ୍ସରସାଇଜ ଅନୁଷ୍ଠିତ ହେବ। ଏନଡ଼ିଏମଏ ଅଧିକାରୀ ଅନଲାଇନରେ ଯୋଡି ହୋଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଓସ୍ଡମା ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମର ଏକ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିଥିଲେ। ରାସାୟନିକ ବିର୍ଯ୍ୟୟର ସମୟରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକର ସହାଭାଗିତା ଏହି ସଭାର ମୁଖ୍ୟ ପ୍ରସଙ୍ଗ ଥିଲା। ୮ତାରିଖରେ ଜିଲ୍ଲା ପ୍ରସ୍ତୁତି ବୈଠକ, ୯ତାରିଖରେ ଟେବୁଲ ଟପ୍ ଏକ୍ସରସାଇଜ ଏବଂ ୧୧ତାରିଖରେ ମକ ଏକ୍ସରସାଇଜ ପାଇଁ ଦିନ ଧାର୍ଯ୍ୟ କରାଯାଇଛି।

## ବ୍ୟାସକବି ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ପ୍ରସ୍ତୁତି

**ବାଲେଶ୍ୱର, ୩।୧(ସମିସ):** ବାଲେଶ୍ୱର ସଦର ବ୍ଲକ ହଳଦୀପଦାଠାରେ ଆସନ୍ତା୧୪ତାରିଖରେ ଅନୁଷ୍ଠିତ ହେବାକୁ ବ୍ୟାସକବି ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳଙ୍କୁ ଚଳିତ ବର୍ଷ ବ୍ୟାସ କବି ସାଂସ୍କୃତିକ ଅନୁଷ୍ଠାନ ସାରସ୍ୱତ ସମ୍ମାନ ଲାଗି ମନୋନିତ କରାଯାଇଛି। ୭ତାରିଖରେ ଶିଶୁ ଏବଂ ଅଭିଭାବକ କର୍ମଶାଳା ରହିଛି। ୧୩ତାରିଖରେ ଏକ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୪ତାରିଖରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ସ୍କୁଲ ପିଲାଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଭାଷଣ, ଏକକ ଅଭିନୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ। ପ୍ରତିଷ୍ଠାତା ଡ ବ୍ରଜଗୋପାଳ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଭାପତି ମହେନ୍ଦ୍ର ସାହୁ, ସମ୍ପାଦକ ଅନୀଲ ସାହୁ, ତପନ ସାହୁ, କିଶୋର ସାହୁ, ଭରତ ବାରିକ, ରାଜେନ୍ଦ୍ର ମହାଲିକ, ଚନ୍ଦନ ସାହୁ, ଜୟନ୍ତ ସାହୁ, ସନ୍ତୋଷ ସାହୁ, ଅଶୋକ ଦାସ, ନିତ୍ୟାନନ୍ଦ ସାହୁ, ରୁଦ୍ରନାରାୟଣ ସାହୁ, ନନ୍ଦନ ବେହେରା, ଅଶୋକ ସାହୁ, ଆଦିତ୍ୟ ସାହୁ, ଗଣେଶ ସାହୁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଅଜାତଶତ୍ରୁ ଦାସଙ୍କ ୧୬ତମ ଶ୍ରାଦ୍ଧବାର୍ଷିକ

**ବାଲେଶ୍ୱର, ୩।୧(ସମିସ):** ବାଲେଶ୍ୱରର ପୂର୍ବତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜାତଶତ୍ରୁ ଦାସଙ୍କ ୧୬ତମ ଶ୍ରାଦ୍ଧ ବାର୍ଷିକ ସ୍ଥାନୀୟ ସାମ୍ବାଦିକ ପ୍ରକୋଷ୍ଠରେ ପାଳିତ ହୋଇଯାଇଛି। ଅଜାତଶତ୍ରୁ ଦାସ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ନିରଞ୍ଜନ ଦାସ ପୌରୋହିତ୍ୟ କରିଥିବା ବେଳେ ଦେବବ୍ରତ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀଶଙ୍କର ଭୂୟାଁ, ଆଲୋକ ସାହୁ, ଜିଲ୍ଲା କ୍ରୀଡ଼ାସଂଘର ସାଧାରଣ ସମ୍ପାଦକ ଅଧୀପ ଦାସ, ବରିଷ୍ଠ ସାମ୍ବାଦିକ ବିପ୍ଲବ ମହାନ୍ତି, ରଞ୍ଜନ ବାଗ, ସାମ୍ବାଦିକ ସୃଷ୍ଟିଧର ପରିଡ଼ା, ଜିଲ୍ଲା ବାର ଆସୋସିଏସନ ସଭାପତି ମନୋଜ ନାୟକ, ସମ୍ପାଦକ ଦୀପକ ଦାଶ, ସାମ୍ବାଦିକ ଶୁଭେନ୍ଦୁ ଦାସ, ସାମ୍ବାଦିକ ରତିକାନ୍ତ ପାତ୍ର, ଶିବଦାସ କୁଣ୍ଡୁ, ଉଜ୍ୱଳ ଚନ୍ଦ୍ର କର, ସନ ବିଶ୍ୱାଳ, ଶିବଶଙ୍କାର ଭୋଇ, ସୁରେନ୍ଦ୍ର ମୋହନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଦିବଂଗତ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତିଙ୍କ ଉଦ୍ଦେଶ୍ୟରେ ମଧ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭିକ୍ଟର ଅରୂପ ଦାସ, ଅଭିରାମ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପଣପଣା କେନ୍ଦ୍ର ସମବାୟ ବ୍ୟାଙ୍କ

# ତାଲା ଝୁଲିବା ପରେ ଜମାକାରୀ ଛାନିଆ

**ବାଲେଶ୍ୱର, ୩।୧(ସମିସ)**

କଷ୍ଟ ଉପାର୍ଜିତ ଧନକୁ ଜମାକାରୀ କେନ୍ଦ୍ର ସମବାୟ ବ୍ୟାଙ୍କରେ ରଖିବା ପରେ ଏବେ ଟଙ୍କା ଫେରିପାଇବାକୁ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ବ୍ୟାଙ୍କକୁ ଯିବା ପରେ ବ୍ୟାଙ୍କ ପକ୍ଷରୁ ଟଙ୍କା ନ ଥିବା କୁହାଯିବା ପରେ ଶେଷରେ ଏବେ ବ୍ୟାଙ୍କରେ ତାଲା ପଡ଼ିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାହାନଗା ବ୍ଲକ ପଣପଣା କେନ୍ଦ୍ର ସମବାୟ ବ୍ୟାଙ୍କରେ। ଏହି ବ୍ୟାଙ୍କରେ ଜମାକାରୀଙ୍କ ପ୍ରାୟ ୯କୋଟି ଟଙ୍କା ଜମା ରହିଛି। ସେମାନଙ୍କ ଜମା ଟଙ୍କାରୁ

**● ଅଭିଯୋଗ ପରେ ୧୫ତାରିଖରୁ ଟଙ୍କା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି**

ସାଢ଼େ ୭କୋଟିରୁ ଅଧିକ ଟଙ୍କା ହଡ଼ପ ହୋଇଯାଇଛି। ଏଣୁ ଏବେ ସେମାନେ ସେମାନଙ୍କ ଟଙ୍କା ଫେରିପାଇବା ଅନିଶ୍ଚିତତା ଦେଖାଦେଇଛି। ଏହା ଫଳରେ ବାଧ୍ୟ ହୋଇ ଜମାକରୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି।

ଏହି ବ୍ୟାଙ୍କରେ ପାଖାପାଖି ୪ଶହରୁ ୫ଶହ ଜମାକାରୀମାନେ ଖାତା ଖୋଲି ସେମାନଙ୍କ କଷ୍ଟ ଉପର୍ଜିତ ଟଙ୍କା ଗଛିତ ରଖିଥିଲେ। ଏବେ ସେମାନଙ୍କ ଟଙ୍କା ଆବଶ୍ୟକ ପଡ଼ିବାରୁ ସେମାନେ ବ୍ୟାଙ୍କକୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ; ହେଲେ ବ୍ୟାଙ୍କ କର୍ମଚାରୀମାନେ ସେମାନଙ୍କୁ ଆଜି କାଲି କହି ଟଙ୍କା ନ ଦେଇ ଫେରାଇ



ଦେଉଥିଲେ। ଏପରିକି ଜମାକାରୀମାନେ ବ୍ୟାଙ୍କକୁ ବାରମ୍ବାର ଯିବା ପରେ ଏବେ ବ୍ୟାଙ୍କରେ ତାଲା ଝୁଲୁଛି। ବିଶେଷ କରି ଜମାକାରୀମାନେ ୨୦୧୩ ମସିହାରୁ ଏହି ବ୍ୟାଙ୍କରେ ସେମାନେ ସେମାନଙ୍କ ଖାତାଖୋଲି ରଖିଛନ୍ତି। ଜମାକାରୀ ୫ହଜାର ଟଙ୍କାରୁ ଆରମ୍ଭ କରି ୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏହି ବ୍ୟାଙ୍କରେ ଗଚ୍ଛିତ ରଖିଛନ୍ତି। ବ୍ୟାଙ୍କ ପକ୍ଷରୁ ଏକ ବର୍ଷ ଫିକ୍ସ ଡିପୋଜିଟ ଭାବେ ରଖି ସେମାନଙ୍କୁ ରସିଦ ମଧ୍ୟ ଦିଆଯାଇଛି; ହେଲେ ଏକ ବର୍ଷ ପରେ ସେମାନଙ୍କୁ ସେମାନଙ୍କ ଟଙ୍କା ନ ଦେଇ ନବୀକରଣ କରି ଚାଲିଛି ବୋଲି ଜମାକାରୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ଏବେ ଏହି ବ୍ୟାଙ୍କରେ ମାତ୍ର କୋଟିଏରୁ ଅଧିକ ଟଙ୍କା ଥିବା ବେଳେ ପାଖାପାଖି ସାଢ଼େ ୭କୋଟି ଟଙ୍କା ହଡ଼ପ ହୋଇଯାଇଥିବା ଜମାକାରୀ ଅଭିଯୋଗ କରିଛନ୍ତି। ଜମାକାରୀ ପ୍ରଭାକର ମହାନ୍ତିଙ୍କ ଅଭିଯୋଗ ଅନୁସାରେ, ସେ ତାଙ୍କ ଝିଅ ବାହାଘର ପାଇଁ ଜମି ବିକ୍ରି କରି ୬ଲକ୍ଷ ଟଙ୍କା ଏହି ବ୍ୟାଙ୍କରେ ଜମା ରଖିଥିଲେ; ହେଲେ ସେ ଟଙ୍କା ଆଣିବାକୁ ଯିବା ସମୟରେ ବ୍ୟାଙ୍କ ପକ୍ଷରୁ ତାଙ୍କ ଟଙ୍କା ନାହିଁ ବୋଲି କହି ବାରମ୍ବାର ଫେରାଇ ଦିଆଯାଉଛି। ଏବେ ସେ ତାଙ୍କ ଟଙ୍କା କିପରି ପାଇବେ ସେନେଇ ଚିନ୍ତିତ ଅଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସେହିପରି ଆଉ ଜଣେ ଜମାକାରୀ କୈଳାସଚନ୍ଦ୍ର ଶିଅଳ କହିଛନ୍ତି ଯେ, ସେ ଗୋରୁ ଛେଳି ବିକ୍ରି କରିବା ସହ ଅନ୍ୟଆଡେ ମଜୁରି ଲାଗି ଯାହା ଅର୍ଥ ଉପାର୍ଜନ କରିଥିଲେ ସେଥିରୁ ସେ ଏହି ବ୍ୟାଙ୍କରେ ପାଖାପାଖି ୨ଲକ୍ଷ ଟଙ୍କା ରଖିଛନ୍ତି; ହେଲେ ଏବେ ଏହି ବ୍ୟାଙ୍କରେ ତାଲା ପଡ଼ିଯିବା ଫଳରେ ସେ ଏବେ ଟଙ୍କା ଫେରି ପାଇବା ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି। ଅନ୍ୟପଟେ ଜମାକାରୀ ଲକ୍ଷ୍ମୀପ୍ରିୟା ଶାସ୍ତ୍ରୀ, ଜନାର୍ଦ୍ଦନ କର, ମଞ୍ଜୁଲତା ଶିଅଳ, ବୃନ୍ଦାବନ ଶିଅଳ ପ୍ରମୁଖ ଏହି ସମାନ ସ୍ଥିତିରେ ରହିଛନ୍ତି। ସେମାନେ ପାଖାପାଖି ୬ରୁ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏହି ବ୍ୟାଙ୍କରେ ରଖିଥିଲେ। ଅନ୍ୟପଟେ ଗୋଟିଏ ପରିବାରର ସୁଶାନ୍ତ ସାନ୍ତରାଙ୍କ ପରିବାରର କିଛି ସଦସ୍ୟ ମିଶି ପାଖାପାଖି ୨୦ଲକ୍ଷ ଟଙ୍କା ଏହି ବ୍ୟାଙ୍କରେ ଜମା ରଖିଥିବା ବେଳେ ଜମାକାରୀ ପଦ୍ମିନି ମହାନ୍ତି ଅଢ଼େଇ ଲକ୍ଷ ଏବଂ ଉର୍ମିଳା ଦାସ ୬ଲକ୍ଷ ଏବଂ ସୁକାନ୍ତୀ ମଲ୍ଲିକ ୨ଲକ୍ଷ ଟଙ୍କା ଜମା ରଖିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏମାନଙ୍କ ସହ ଆହୁରି ଅନେକ ଜମାକାରୀ ସମାନ ଅଭିଯୋଗ କରିଛନ୍ତି; ହେଲେ ବ୍ୟାଙ୍କରେ ତାଲା ପଡ଼ିବା ଯୋଗୁ ଏମାନେ ଏବେ ସେମାନଙ୍କ ଟଙ୍କା ଫେରିବା ନେଇ ଆଶା ଆଶଙ୍କାରେ ରହିଛନ୍ତି। ଏହା ଫଳରେ ବାଧ୍ୟ ହୋଇ ସମସ୍ତ ଜମାକାରୀ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲ୍ଲାପାଳଙ୍କ ଦତାତ୍ରୟ ଭାଓସାହେବ ସିନ୍ଦେ କହିଛନ୍ତି ଯେ, ୨ ବର୍ଷ ତଳେ ଏହି ବ୍ୟାଙ୍କରେ ସମ୍ପାଦକ ଟଙ୍କା ଠକେଇ କରିଥିଲେ। ଏବେ ସେ ଫେରାର ରହିଛନ୍ତି। ଏପରିକି ତାଙ୍କ ନାମରେ ମଧ୍ୟ ମାମଲା ରୁଜୁ କରାଯାଇଛି। ସେଠାରେ ଯେଉଁ ଜମାକାରୀମାନେ ରହିଛନ୍ତି ତାର ଅଡିଟ କାର୍ଯ୍ୟ ଏବେ ଶେଷ ହୋଇଛି। ଏପରିକି ଯେଉଁମାନେ ଠିକ ଜମାକାରୀ ରହିଛନ୍ତି ସେମାନଙ୍କୁ ନୋଟିସ କରାଯିବ ପରେ ଶୁଣାଣି କରାଯିବ। ଏପରିକି ତାଙ୍କର ଯେଉଁ କାଗଜପତ୍ର ରହିଛି ତାର ମଧ୍ୟ ଯାଞ୍ଚ କରାଯିବ। ଯେଉଁ ଜମାକାରୀମାନଙ୍କ କାଗଜପତ୍ର ଠିକ ବାହାରିବ ସେମାନଙ୍କୁ ତୁରନ୍ତ ଯେଉଁ ସୋସାଇଟି ପାଖରେ ଟଙ୍କା ଅଛି ତାହା ପ୍ରଥମ ପର୍ଯ୍ୟାୟରେ ପ୍ରଦାନ କରାଯିବ। ଏହି ସୋସଇଟିରେ ବର୍ତ୍ତମାନ ସ୍ଥିତିରେ ଦେଢ଼ କୋଟି ଟଙ୍କା ପାଖାପାଖି ରହିଛି ତାହାକୁ ପ୍ରଥମେ ପ୍ରଦାନ କରାଯିବ। ପରେ ଯାହା ରହିବ ତାହା ବିବିସିସି ବ୍ୟାଙ୍କରେ ଯେଉଁ ପାଣ୍ଠି ରହିଛି ସେଥିରେ ପ୍ରଦାନ କରାଯିବ। ତେବେ ଚଳିତମାସ ୧୫ତାରିଖଠାରୁ କିଛି କିଛି ଜମାକାରୀଙ୍କୁ ଏହି ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି।

## ବିଶିଷ୍ଟ ରାଜନେତା ଜଗନ୍ନାଥଜୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ




**ବାଲେଶ୍ୱର, ୩।୧(ସମିସ):** ଜଗନ୍ନାଥ ଜୀ ତାଙ୍କର ଦୀର୍ଘଦିନର ରାଜନୀତି ଜୀବନରେ ସେଭଳି ସଫଳତା ପାଇପାରି ନ ଥିଲେ ମଧ୍ୟ ସେ ବାଲେଶ୍ୱରର ଜଣେ ସର୍ବମାନ୍ୟ ନେତା ଥିଲେ। ରସାଳପୁର ଅଞ୍ଚଳର ସାମଗ୍ରିକ ବିକାଶରେ ତାଙ୍କର ଅତୁଳନୀୟ ଅବଦାନ ଥିଲା। ଜନସଂଘ, ବିଜେପି ଏବଂ ପରେ ଜନତାଦଳର ନେତୃତ୍ୱ ନେଇ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ସେ ଥିଲେ ମାଟିର ମଣିଷ ଏବଂ ଅଜାତଶତ୍ରୁ। ତାଙ୍କର ହସହସ ମୁଖମଣ୍ଡଳ ଏବଂ ନିରାଡ଼ମ୍ବର ଜୀବନଚର୍ଯ୍ୟା ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ତାଙ୍କ ନୀତି ଆଦର୍ଶରେ ଆଜିର ଯୁବପିଢ଼ୀ ଅନୁପ୍ରାଣିତ ହୋଇପାରିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଜଗନ୍ନାଥଜୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ତାଙ୍କର ଜନ୍ମଭୂମି ରସାଳପୁରଠାରେ ଆୟୋଜିତ ସ୍ମୃତିଗରଣ ସଭାରେ କବି ଶ୍ରୀଦେବ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ, ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଗୋବିନ୍ଦ ଦାସ, ପ୍ରଫେସର ଶତ୍ରୁଘନ ମଲ୍ଲିକ, ଗୌରୀ ରାଉତ, ଅନିରୁଦ୍ଧ ପ୍ରସାଦ ଦାସ, ଡ ସତ୍ୟନାରାୟଣ ମହାପାତ୍ର, ଭାଗୀରଥ ପଣ୍ଡା, ବଂଶୀଧର ଦଳେଇ, ସ୍ଥାନୀୟ ନେତା ଅର୍ଜୁନ ଦାସ, ଶ୍ରମିକ ନେତା ନିରଞ୍ଜନ ରାଉତ, ଅରୁଣ ଦେ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ମହାନ୍ତି, ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାଶ ଚନ୍ଦ୍ର ସେଠୀ, ପୂର୍ବତନ ପୌର ପରିଷଦ ଉପାଧ୍ୟକ୍ଷ ମନୋଜ ରାଉତ, ବିଜେଡ଼ି ନେତା ବସନ୍ତ ପଣ୍ଡା, ଯୁବନେତା ଧୀରେନ ନାୟକ, ସେକ ଅନସର, କାଉନସିଲର ବିଶ୍ୱଜିତ ମହାପାତ୍ର, ଅଭିଜିତ ଦାସ, ଦିଲ୍ଲୀପ ମହାନ୍ତି ପ୍ରମୁଖ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ସ୍ୱର୍ଗତଃ ଜଗନ୍ନାଥ ଜୀଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଜଗନ୍ନାଥ ଜୀଙ୍କ ପୁତ୍ର ଅଶୋକ ଜୀ, ସରୋଜ ଜୀ, ମନୋଜ ଜୀ, ବିନୋଦ ଜୀ, ଆଲୋକ ଜୀ ଏବଂ କନ୍ୟା ସରୋଜିନୀ ଓ ମନ୍ଦାକିନୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।







# ଦୁର୍ନୀତିଗ୍ରସ୍ତ ରିଟେଲରଙ୍କ ବିରୋଧରେ ପଞ୍ଚାୟତବାସୀଙ୍କ ଗର୍ଜନ



**ବସ୍ତା,୩।୧(ସମିସ)**

ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଆଇନ୍ ବଣ୍ଟନ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ନଜର ରଖିଛନ୍ତି; ହେଲେ ରାଜ୍ୟର କିଛି ରିଟେଲାର ରାସନ୍ ସାମଗ୍ରୀ ଆତ୍ମସାତ କରିବା ନଜିର ରହିଛି। ବସ୍ତା ବ୍ଲକ୍ ପତ୍ରଝଡ଼ା ଗ୍ରାମ ପଞ୍ଚାୟତର ରିଟେଲାର କବିତା ସାହୁ, ସେକ୍ରେଟାରୀ ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ, କରଞ୍ଜିଆଙ୍କ ବିଭିନ୍ନ ଉପାୟରେ ଗରିବ, ଖଟିଖିଆ, ଆଦିବାସୀ, ଭିନ୍ନକ୍ଷମ, ହରିଜନ, ମୃତ, ଭୂତ କାର୍ଡ ଗୁଡ଼ିକର ରାସନ୍ ସାମଗ୍ରୀଗୁଡ଼ିକ ବର୍ଷ ବର୍ଷ ଧରି ହରିଲୁଟ କରି ଆତ୍ମସାତ କରିବା ଅଭିଯୋଗରେ ବାଲେଶ୍ୱର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ ହୋଇ ଗତ ୨୬।୬।୨୦୨୦ରେ ତତ୍କାଳୀନ ବସ୍ତା ବିଡିଓଙ୍କ ଚିଠି ନମ୍ବର ୧୧୩୮/୨୬।୬।୨୦୨୦ ମୂଳେ ତାଙ୍କୁ ନିଲମ୍ବିତ କରି ପାଖ ରିଟେଲର୍ ସାଇରୁନ ବିବିଙ୍କୁ ବଣ୍ଟନ ବ୍ୟବସ୍ଥାର ଭାର ଦେଇଥିଲେ। ଏହାରି ଭିତରେ ରିଟେଲାର କବିତା ସାହୁଙ୍କ ସ୍ୱାମୀ ଭାଗବତ ସାହୁ ତଞ୍ଚକତା ସହକାରେ ବିଭିନ୍ନ ଜାଲ୍ ଦସ୍ତାବିଜ୍ ଉପସ୍ଥାପନ କରି ଜିଲ୍ଲାପାଳଙ୍କ ପାଖରୁ ପୁନର୍ବାର ବଣ୍ଟନ ବ୍ୟବସ୍ଥାରେ ସାମିଲ ହେବା ପାଇଁ ଏକ ଅର୍ଡର ନେଇ ଆସିଛନ୍ତି ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। କିଛି ଦିନ ତଳେ ଏହି ପଞ୍ଚାୟତର ରିଟେଲର ସାଇରୁନ ବିବିଙ୍କ ବିରୋଧରେ ଆକ୍ରୋଶ ମନୋଭାବ ନେଇ ଷଡ଼ଯନ୍ତ୍ର କରି ସୂଚନା ଅଧିକାର ଆଇନ ବଳରେ ଅନ୍ୟ ଲୋକ ମାଧ୍ୟମରେ କବିତା ସାହୁଙ୍କ ସ୍ୱାମୀ ଭାଗବତ ସାହୁ ତଥ୍ୟ ସଂଗ୍ରହ କରି ଭିଜିଲାନ୍ସ ଚଢ଼ଉ କରାଇଥିଲେ; ଯେଉଁ ପଦକ୍ଷେପକୁ ସମସ୍ତ ପଞ୍ଚାୟତବାସୀ ସ୍ୱାଗତ କରିଛନ୍ତି; ମାତ୍ର ପ୍ରଶ୍ନ ଉଠୁଛି ଯଦି ଜଣେ ରିଟେଲର ଦେଢ଼ ବର୍ଷ ଧରି ୧୮ଟି କାର୍ଡର ରାସନ୍ ସାମଗ୍ରୀ ହଡ଼ପ କରି ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ ହୋଇ ନିଲମ୍ବିତ ହୋଇପାରୁଛି ତେବେ ରିଟେଲର କବିତା ସାହୁ କାର୍ଡ ସୃଷ୍ଟି ହେବା ଦିନ ପାଖରୁ ୨୦୨୦ ମସିହା ପର୍ଯ୍ୟନ୍ତ ଦୀର୍ଘ ୮ ବର୍ଷ ଧରି ରାସନ୍ ସାମଗ୍ରୀ ହଡ଼ପ କରି କିପରି ପୁନର୍ବାର ବଣ୍ଟନ ବ୍ୟବସ୍ଥାରେ ସାମିଲ ହେଲେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ପଞ୍ଚାୟତବାସୀ ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ କରିଛନ୍ତି ଯେ, ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ନାଁରେ କୌଣସି ଗ୍ରୁପ ହିଁ ନାହିଁ କରଞ୍ଜିଆରେ। ଏହାକୁ କେନ୍ଦ୍ର କରି ପଞ୍ଚାୟତର ଶତାଧିକ ଆଦିବାସୀ, ଭିନ୍ନକ୍ଷମ, ହରିଜନ, ବିଧବା ବସ୍ତା ବ୍ଲକରେ ଏମଆଇ ବୁଦ୍ଧିରାୟ ସରେନଙ୍କୁ ଏକ ଅଭିଯୋଗ ପତ୍ର ଦେଇଛନ୍ତି। ଦୁର୍ନୀତିଗ୍ରସ୍ତ ରିଟେଲର କବିତା ସାହୁ ପାଖରୁ କୌଣସିମତେ ରାସନ୍ ସାମଗ୍ରୀ ନେବେ ନାହିଁ ବୋଲି ରୋକ୍ ଠୋକ୍ ମନା କରିଛନ୍ତି। ଏହା ନ ହେଲେ ବ୍ଲକ ଘେରଉ କରି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା



**ସୋର,୩।୧(ସମିସ):** ସୋର ବ୍ଲକ ସରସଙ୍ଗ ପଞ୍ଚାୟତ ବ୍ରାହ୍ମଣସାହି ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ଜଳି ଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ଏହି ଗ୍ରାମର ଲକ୍ଷ୍ମଣ ହାଁସଦାଙ୍କ ପରିବାର ଲୋକେ ବିଲକୁ କାମ କରିବାକୁ ଯାଇଥିବା ବେଳେ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ ଏହା ଦେଖି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ସୋର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭାଗର ଦୁଇଟି ଦମକଳ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ; କିନ୍ତୁ ସେତେବେଳେକୁ ଘରେ ଥିବା ଧାନ ୩ କୁଇଣ୍ଟାଲ, ଚାଉଳ ଦୁଇ କୁଇଣ୍ଟାଲ, ନଗଦ ୨୦୦୦ ଟଙ୍କା ସମେତ ପିଲାଙ୍କ ବହି ଖାତା, ଲୁଗାପଟା, ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ସୂଚନା ମିଳିଛି। ମଧ୍ୟାହ୍ନରେ ଖବର ପାଇ ସୋର ବିଧାୟକ ପର୍ଶୁରାମ ଧଡ଼ା ଲକ୍ଷ୍ମଣଙ୍କ ଘରେ ପହଞ୍ଚି ସମବେଦନା ଜ୍ଞାପନ କରିବା ସହିତ ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ସମୟରେ ବିଧାୟକଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟ ଜୟନ୍ତ ସ୍ୱାଇଁ, ସରପଞ୍ଚ କରୁଣାକର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ୧୫ତମ ଭୋଗରାଇ ଉତ୍ସବର ତୃତୀୟ ସନ୍ଧ୍ୟା

# ଭୋଗରାଇର ଐତିହ୍ୟ, ପରମ୍ପରା ଅନନ୍ୟ

**ଭୋଗରାଇ,୩।୧(ସମିସ):** ଭୋଗରାଇର ଅତୀତ ଐତିହ୍ୟ ଓ ପରମ୍ପରା ସମଗ୍ର ଓଡ଼ିଶାରେ ଅନନ୍ୟ ଓ ସୁଦୃଢ଼। ବଙ୍ଗ ସୀମାନ୍ତରେ ରହି ମଧ୍ୟ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ବଙ୍ଗବାସୀଙ୍କ ଓଡ଼ିଆ ଭାଷା ବିରୋଧୀ ଅଭିଯାନ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶା ଭୂମିକୁ ଜବରଦଖଲ କରିବା ଉଦ୍ୟମକୁ ଦୃଢ଼ ପ୍ରତିହତ ଓ ପ୍ରତିରୋଧ କରି ଭୋଗରାଇବାସୀ ନିଜ ମାତୃଭାଷା ଓ ମାତୃଭୂମିର ଅସ୍ମିତାକୁ ଅକ୍ଷୁର୍ଣ୍ଣ ରଖିବାରେ ସମର୍ଥ ହୋଇଛନ୍ତି। ସେଇଥିପାଇଁ ଭୋଗରାଇ ମାଟିର ସନ୍ତାନମାନେ ସମର୍ପିତ ଓଡିଆ ଭାବେ ସମଗ୍ର ରାଜ୍ୟରେ ଅବିସ୍ମରଣୀୟ ସମ୍ମାନର ଅଧିକାରୀ। ଏହାସହିତ ଧାନ, ପାନ, ମୀନ, ଜ୍ଞାନରେ ପରିପୂର୍ଣ୍ଣ ଭୋଗରାଇ ଅଞ୍ଚଳ କେବଳ ଭାରତରେ ନୁହେଁ; ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଣୁ 'ଭାଗ୍ୟରେ ଥିଲେ ଭୋଗରାଇ' ଲୋକକଥା ସମଗ୍ର ଓଡ଼ିଶାରେ ବିଦିତ ବୋଲି ବୁଧବାର ୧୫ତମ ଭୋଗରାଇ ଉତ୍ସବ-୨୦୨୪ର ତୃତୀୟ ସାନ୍ଧ୍ୟ ସଭାରେ ମତ ପ୍ରକାଶ ପାଇଛି।

ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ହେଲିପ୍ୟାଡ ପଡିଆରେ ଅନୁଷ୍ଠିତ ଭୋଗରାଇ ଉତ୍ସବର ତୃତୀୟ ସାନ୍ଧ୍ୟ ସଭାରେ ଉତ୍ସବ କମିଟିର ଅନ୍ୟତମ ସମ୍ପାଦକ ସୁନୀଲ କର ଅଧ୍ୟକ୍ଷତା କରିଥିଲେ। ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭୋଗରାଇର ଅସ୍ମିତାକୁ ଅକ୍ଷୁର୍ଣ୍ଣ ରଖିବା ଏବଂ ଏକ ସୁସ୍ଥ ସମାଜ ଗଠନରେ ଉଦ୍ୟମୀ ହେବାକୁ ଆହ୍ୱାନ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ବରିଷ୍ଠ ସଦସ୍ୟ ତଥା ସୁବର୍ଣ୍ଣଶ୍ରୀ ପ୍ରକାଶନୀର ମୁଖ୍ୟ କବି କାଳିପଦ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୋଗରାଇର ସୁଦୃଢ଼ ଐତିହ୍ୟ ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଭୋଗରାଇ ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁ ଯୋଗ ଦେଇ ଭୋଗରାଇ ଅଞ୍ଚଳର ପରିବେଶ ଓ ଭୋଗରାଇବାସୀଙ୍କ ମାନବିକତା ସମ୍ପର୍କରେ ଗୁଣଗାନ କରିଥିଲେ। ଏହି ଅବସରରେ ସାରସ୍ୱତ ସାଧକ ତଥା ଆକାଶବାଣୀର ବିଶିଷ୍ଟ ଗୀତିକବି ଗୌରହରି ଗିରିଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ସମ୍ପାଦକ କବି ଶ୍ରୀକୁମାର ଘୋଷ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ହରେନ୍ଦ୍ର ନାଥ ଭୋଳ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବାବେଳେ କାର୍ଯ୍ୟକାରୀ ସଦସ୍ୟ ନିଶେଷ ଦେବ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭା ପରେ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର ପ୍ରଚ୍ଛଦପଟ ଗାୟିକା ଅମ୍ରିତା ନାୟକ ଓ ତାଙ୍କ ଦଳ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



## 'ବଡ଼ ମଣିଷ ହେବା ଅପେକ୍ଷା ଭଲ ମଣିଷ ହେବା ଜରୁରୀ'



**ଖଇରା,୩।୧(ସମିସ):** ଖଇରା ବ୍ଲକ ସାରଡଙ୍ଗ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ବୁଧବାର ଜେଜେମା ଜେଜେ ବାପା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଠାକୁର ରଞ୍ଜିତ ଦାସ ମୁଖ୍ୟଅତିଥି, ଅବସରପ୍ରାପ୍ତ ଇଂରାଜୀ ଶିକ୍ଷକ ରଘୁନାଥ ପତ୍ରୀ ମୁଖ୍ୟବକ୍ତା, ଖଇରା ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶଶିକାନ୍ତ ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବଡମଣିଷ କରିବା ଲକ୍ଷ୍ୟ ଛାଡି କିଭଳି ପିଲାଟିକୁ ଭଲ ମଣିଷ କରି ଗଢିବେ ସେଥିପ୍ରତି ଜେଜେମା ଜେଜେବାପା ମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ ବିବରଣୀ ପାଠ ଓ ପ୍ରଧାନଆଚାର୍ଯ୍ୟ ଜୟନ୍ତ କୁମାର ମାଝୀ ଅତିଥିଙ୍କ ପରିଚୟ ଦେଇଥିଲେ। ପିଲାଙ୍କଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଗୁରୁମା ଗୁରୁଜୀ, କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାକ୍ତନ ଉପସଭାପତି ଉତ୍କଳବନ୍ଧୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପୌରପାଳିକାରେ ଡ୍ରେନେଜ୍ ପ୍ଲାନ୍ ପାଇଁ ବୈଠକ



**ସୋର,୩।୧(ସମିସ):** ସୋରପୌରପାଳିକା ସଭାଗୃହରେ ଡ୍ରେନେଜ ପ୍ଲାନ ସମ୍ବନ୍ଧରେ ଏକ ବୈଠକ ପୌରାଧ୍ୟକ୍ଷ ମାଧବ ଧଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବର୍ଷାଦିନରେ ସୋର ସହରରେ ଜମିରହୁଥିବା ପାଣିକୁ ନିଷ୍କାସନ ପାଇଁ ଏକ ସୁଚିନ୍ତିତ ଉପାୟରେ ସର୍ଭେ କରାଯାଇ ଏହାର ଏକ ମାଷ୍ଟର ପ୍ଲାନ ତିଆରି କରି ଅନୁମୋଦନ ପାଇଁ ସରକାରଙ୍କ ନିକଟକୁ ପଠାଯାଇଥିଲା। ତେବେ ଏହି କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ ହେବାକୁ ଥିବା ବେଳେ ଟେଣ୍ଡର ନେଇଥିବା ଏଜେନ୍ସି ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ ଲୋକାଲ ସେଲ୍ଫ ଏଜେନସିର କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ରହି ବୈଠକରେ ଆଲୋଚନା କରିଥିଲେ। ଏହି ବୈଠକରେ ପୌର ଉପାଧ୍ୟକ୍ଷା ସସ୍ମିତା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ ଏବଂ ଅନ୍ୟ ସମସ୍ତ ପାରିଷଦ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସହରବାସୀଙ୍କୁ ଏହି ଡ୍ରେନେଜ ପ୍ଲାନ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସହଯୋଗ କରିବାକୁ ପୌରପାଳିକା ତରଫରୁ ଅନୁରୋଧ କରାଯାଇଛି।

## ୫ରୁ ସୋର ଲୋକ ମହୋତ୍ସବ



**ସୋର,୩।୧(ସମିସ):** ଜାନୁୟାରୀ ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ସୋର ଲୋକ ମହୋତ୍ସବ କମାଣପୁରଠାରେ ଅନୁଷ୍ଠିତ ହେବ। ମହୋତ୍ସବ ପଡିଆରେ ଏକ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ ସଭାପତି ସମାଜସେବୀ ପ୍ରଦୀପ ଦାଶ ଏହି ସୂଚନା ଦେଇଛନ୍ତି। ଏହି ଲୋକ ମହୋତ୍ସବରେ ଓଡିଶାର ପାରମ୍ପରିକ ନୃତ୍ୟ, ସଙ୍ଗୀତ ପରିବେଷଣ ହେବାପାଇଁ ସଂସ୍କୃତି ବିଭାଗ ଦ୍ୱାରା ସ୍ଥିର ହୋଇଛି ବୋଲି ସାମ୍ବାଦିକ ତଥା କମିଟି ସମ୍ପାଦକ ସୁଧାଂଶୁ ବାରିକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅକ୍ଷୟ ଜେନା, ତ୍ରିଲୋଚନ ପଣ୍ଡା, ଗଣେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୀତାଂଶୁ ବାରିକ, ଦୀପୁ ମହାକୁଡ, ଜିତୁ ପାତ୍ରୀ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀକୁ ପରିଚାଳନାରେ ସହଯୋଗ କରିଥିଲେ।

## ଦୀନକୃଷ୍ଣ କଲେଜରେ ସମ୍ବର୍ଦ୍ଧନା ଉତ୍ସବ



**ଜଳେଶ୍ୱର ବ୍ଲକ,୩।୧(ସମିସ)** ଦୀନକୃଷ୍ଣ କଲେଜରେ ନବବର୍ଷ ଅବସରରେ ଏକ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଶିକ୍ଷା କର୍ମଚାରୀଙ୍କ ତରଫରୁ ପରିଚାଳନା କମିଟିର ସଭାପତି କମଳାକାନ୍ତ ଚାନ୍ଦ, କଲେଜର ଅଧ୍ୟକ୍ଷ ଦିଲ୍ଲୀପ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଡକ୍ଟର ହିମାଂଶୁ ସାମଲ, ଡକ୍ଟର ଚିତ୍ତରଞ୍ଜନ ଭଞ୍ଜ, ସନ୍ୟାସୀ ଚରଣ ପାତ୍ର, ଅମୀର ଦେ, ରତନ କର, ଧନେଶ୍ୱର ସେଠୀ, ଅଜୟ ଗିରି, ହରି ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଚାରୀ ସଂଘର ସଭାପତି ଅଜୟ କୁମାର ମହାପାତ୍ର, ସମ୍ପାଦକ ସୁରେଶ ଚନ୍ଦ୍ର ଜେନା ପରିଚାଳନା କରିବା ସହିତ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ରଥର ପରିକ୍ରମା

**ଭୋଗରାଇ,୩।୧(ସମିସ):** ବାଲେଶ୍ୱର ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ସଡ଼କ ସୁରକ୍ଷା ସଚେତନତା ରଥ ଭୋଗରାଇ ବ୍ଲକରେ ପରିକ୍ରମା କରିଛି। ଏଲଇଡି ଟିଭି ପ୍ରଦର୍ଶନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଛି। ରାସ୍ତାଘାଟରେ ଦୈନନ୍ଦିନ ଘଟୁଥିବା ଦୁର୍ଘଟଣାକୁ ରୋକିବା ପାଇଁ ପରିବହନ ବିଭାଗ ଏଭଳି ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛି। ସଡ଼କ ସୁରକ୍ଷାର ସମସ୍ତ ନୀତି ନିୟମ ପାଳନ କରିବା ସହିତ ଅମୂଲ୍ୟ ମଣିଷ ଜୀବନକୁ ସୁରକ୍ଷିତ ରଖିବା ପାଇଁ ଏହି ଏଲଇଡି ଟିଭି ପ୍ରଦର୍ଶନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଛି। କମର୍ଦ୍ଧା ବଜାର ଛକ, ବାଉଁଶଡିହା, ଥାନାଛକ ଓ ଚନ୍ଦନେଶ୍ୱର ବିଜୁ ଗୋଲେଇ ଠାରେ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗର ଏହି ସଚେତନତା ରଥ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ପରିବେଷଣ କରିଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ସିମୁଳିଆ,୩।୧(ସମିସ):** ସିମୁଳିଆ ବ୍ଲକ ରଘୁନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ ବାରିକଙ୍କ ନେତୃତ୍ୱ ଓ ସିମୁଳିଆ ବିଡିଓ ବିଶ୍ୱଜିତ ମହାନ୍ତିଙ୍କ ସଂଯୋଜନାରେ ୩୨୨ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅସ୍ଥିଶଲ୍ୟରେ ୧୩୪ଜଣ, ମାନସିକ ଅନଗ୍ରସରରେ ୪୯ଜଣ, ଚକ୍ଷୁରେ ୪୮ଜଣ, ଓ ନାଶ,କର୍ଣ୍ଣ ଓ ଗଳାରେ ୯୧ଜଣଙ୍କୁ ଚିହ୍ନ କରାଯାଇଥିଲା। ଅସ୍ଥିଶଲ୍ୟ ବିଭାଗ ଡାକ୍ତର ଶୁଭମ ଚୌଧୁରୀ, ଗିରିଜା ଶଙ୍କର ମହାନ୍ତ, ଚକ୍ଷୁ ଡାକ୍ତର ନାରାୟଣ ମହାନ୍ତି ଓ ଡ.ସୁବାସ ଦାସଙ୍କ ସମେତ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ପରୀକ୍ଷା କରିଥିଲେ। ବ୍ଲକର ୨୨ଟି ପଞ୍ଚାୟତର ସରପଞ୍ଚ ସମିତିସଭ୍ୟ ଉପସ୍ଥିତ ଥିଲେ।

## ୫ରେ ରାମକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



**ଜଳେଶ୍ୱର ବ୍ଲକ,୩।୧(ସମିସ):** ପଶ୍ଚିମବାର୍ଡ ଗ୍ରାମ ପଞ୍ଚାୟତ ରାମକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ୫ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ରବୀନ୍ଦ୍ର ରାୟଙ୍କ ସଭାପତିତ୍ୱରେ ବୈଠକରେ ବିଭିନ୍ନ ବିଷୟବସ୍ତୁ ଆଲୋଚନା ହୋଇଥିଲା। ବୈଠକରେ ପୁରାତନ ଛାତ୍ର ସଂସଦର ସାଧାରଣ ସମ୍ପାଦକ ସୁକୁମାର ମିଶ୍ର, ଅଶ୍ୱିନୀ ଦାସ ଅଧିକାରୀ, ବାପୁଜୀ ଦାସ, ନଗେନ୍ଦ୍ର ଜେନା, ଶିବପ୍ରସାଦ ଦାସ, ଶିବ ଶଙ୍କର ଜେନା, ପ୍ରମଥ ଦାସ, ସରୋଜ ଦାସ, ଗାୟାରାମ ସାହୁ, ହରିହର ବାରିକ, ଶ୍ରୀକାନ୍ତ ଧଳ, ରତିକାନ୍ତ ବେହେରା, ସନତ ରାଉଳ, ମଧୁସୂଦନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ଶିକ୍ଷକ ଚନ୍ଦ୍ରକାନ୍ତ ଅଣ୍ଡିଆ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଗ୍ରାମର ରମେଶ ଚନ୍ଦ୍ର ପାତ୍ର ଓ ବଂଶୀଧର ଦାସ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅନୁଶ୍ରୀ ସାହୁ, ସପର୍ଣ୍ଣା ପାଣିଗ୍ରାହୀ, ବାସନ୍ତୀ ଜେନା, କାଦମ୍ବିନୀ ବିଶ୍?ାଳ, ସୁକାନ୍ତି ଜେନା, ଶ୍ୟାମ ହାଁସଦା, କାର୍ତ୍ତିକ ସିଂହ, କମଳ ଚକ୍ରବର୍ତ୍ତୀ ପ୍ରମୁଖ ଥିଲେ।

# ଶିକ୍ଷକ ବଦଳି ପ୍ରତିବାଦରେ ଛାତ୍ରଛାତ୍ରୀଙ୍କ ରାସ୍ତା ଅବରୋଧ

**ଚନ୍ଦନେଶ୍ୱର,୩।୧(ସମିସ)**



ଭୋଗରାଇ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅଧୀନ ପଥରେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ପ୍ରତିବାଦରେ ଫାଟକ ସମ୍ମୁଖରେ ଛାତ୍ରଛାତ୍ରୀ ରାସ୍ତା ଅବରୋଧ କରିଥିଲେ। ଏହି ଖବର ପାଇ ବିଦ୍ୟାଳୟ ଦାୟିତ୍ୱରେ ଥିବା ସିଆରସିସି ସଞ୍ଜୟ ବେହେରା ପହଞ୍ଚିଥିଲେ। ଶ୍ରୀ ବେହେରା ଏଠାରେ କାର୍ଯ୍ୟରତ ଥିବା ଶିକ୍ଷକ ଅଞ୍ଜନ ମହାନ୍ତିଙ୍କ ବଦଳି ନିର୍ଦ୍ଦେଶ ପତ୍ର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପବିତ୍ର ସିଂଙ୍କୁ ପ୍ରଦାନ କରିଥିଲେ। ତେବେ ୨୦୦୮ ମସିହାଠାରୁ ଶ୍ରୀ ମହାନ୍ତି ଉକ୍ତ ବିଦ୍ୟାଳୟରେ ଶିକ୍ଷକତା କରିଆସୁଛନ୍ତି। ତାଙ୍କର ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇଛି। ଏହାର ପ୍ରତିବାଦରେ ଅଭିଭାବକ ଓ ଛାତ୍ରଛାତ୍ରୀ ସ୍କୁଲ ଫାଟକରେ ତାଲା ପକାଇ ରାସ୍ତା ଅବରୋଧ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁବାସଚନ୍ଦ୍ର ପାତ୍ର ତଥା ଅଭିଭାବକମାନଙ୍କ କହିବା ଅନୁଯାୟୀ ଏଠାରେ ୫ଟି ଶ୍ରେଣୀକୁ ମାତ୍ର ୩ଜଣ ଶିକ୍ଷକ ଅଛନ୍ତି। ଏବେ ଯଦି ଆଉ ଜଣେ ଶିକ୍ଷକ ବଦଳି ହେବେ ବିଦ୍ୟାଳୟ ପାଠପଢ଼ା କେମିତି ଚାଲିବ ବୋଲି କହଛନ୍ତି। ଅନ୍ୟପକ୍ଷରେ ବ୍ଲକ ଶିକ୍ଷା ଅଧିକାରୀ କହିଛନ୍ତି ଯେ, ସେ ଏ ନେଇ କୌଣସି ସୂଚନା ପାଇନାହାନ୍ତି।

ସକାଳ
THE SAKALA



# 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ



**ବଳରାମପୁର, ୩।୧(ସମିସ):** ବାଲିଆପାଳ ବ୍ଲକ ପଞ୍ଚୁପାଲିସ୍ଥିତ କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ 'ନୂଆ-ଓ', 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ରେବତୀ ଜେନା, ଜମ୍ବିରାଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅମରେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ରାଜକିଶୋର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧ୍ୟାପକ ଡଃ ଲକ୍ଷ୍ମୀକାନ୍ତ ରଥ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟାପକ କୃଷ୍ଣାନନ୍ଦ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଧୀର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳେଶ୍ୱର ରେଳ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ

# ୧୧ରେ ବରିଷ୍ଠ ନାଗରିକ ମଞ୍ଚର ଗଣଧାରଣା

**ଜଳେଶ୍ୱର ବ୍ଲକ, ୩।୧(ସମିସ)**

ଦୀର୍ଘ ୫ବର୍ଷ ଧରି ଜଳେଶ୍ୱରର ନୂଆବଜାରଠାରେ ୪୫ନଂ ରେଳ ଓଭରବ୍ରିଜ୍ ନିର୍ମାଣ ଚାଲିଛି; ହେଲେ ଅହେତୁକ ବିଳମ୍ବ ଦେଖା ଦେଉଥିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେଣୁ ବିଭିନ୍ନ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଉଛି। ଆସନ୍ତା ୧୧ ତାରିଖରେ ଗଣଧାରଣା ଲାଗି ଜଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚ ନିଷ୍ପତ୍ତି ନେଇଛି। ଏ ନେଇ ବୁଧବାର ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

୨୦୧୬ ମସିହାରେ ଏଲ୍‌ସି ରେଳ ଓଭରବ୍ରିଜ୍ ନଂ ୪୫ର ନିର୍ମାଣ ଲାଗି ରାଜ୍ୟ ଓ କେନ୍ଦ୍ର ସରକାର ନିଷ୍ପତ୍ତି ନେଇ ୨୦୧୮ରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଅବଧିର ୩ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହେବାର ନାଁ ଧରୁନାହିଁ; କିନ୍ତୁ ଚାଲନ୍ତିଠାରେ ଓଭରବ୍ରିଜ୍ କାର୍ଯ୍ୟ ପ୍ରାୟ ୧ବର୍ଷ ପୂର୍ବରୁ ଶେଷ ହେଲାଣି। ପୁଣି ଜଳେଶ୍ୱର ରେଳ ଓଭରବ୍ରିଜ୍ କାର୍ଯ୍ୟର ଶେଷ ଲାଗି ୨ଥର ତାରିଖ ବଦଳ ହୋଇଥିଲେ ମଧ୍ୟ ଅଦ୍ୟାବଧି ତାହା ଶେଷ ହୋଇନାହିଁ। ଜନସାଧାରଣଙ୍କ ଅସନ୍ତୋଷକୁ ଲକ୍ଷ୍ୟକରି ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପୂର୍ତ୍ତ ବିଭାଗ ଉପଖଣ୍ଡ ଯନ୍ତ୍ରୀଙ୍କୁ ଭେଟିଛି। ଜଳେଶ୍ୱର ରେଳ ଫାଟକ ଦେଇ ପ୍ରତିଦିନ ୧୩୦ରୁ ଅଧିକ ରେଳ ଯାତାୟାତ କରୁଥିବାରୁ ପ୍ରତି ୫ ମିନିଟରେ ଗୋଟିଏ ଟ୍ରେନ ଯାତାୟାତ କରୁଛି। ତେଣୁ ଫାଟକ ବନ୍ଦ ରହୁଥିବାରୁ ଯାତାୟାତ କରୁଥିବା ଯାନଗୁଡିକୁ ଦୀର୍ଘ ସମୟ ଅପେକ୍ଷା ରକିବାକୁ ପଡୁଛି। ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ, ଦମକଳ ପହଞ୍ଚିପାରୁନାହିଁ। ତେଣୁ ଏହି ରେଳ ଓଭରବ୍ରିଜ୍ ଦେଇ ଯାତାୟାତ କରିବାକୁ ଥିବା ଜଳେଶ୍ୱର, ଭୋଗରାଇ ଓ ପଶ୍ଚିମବଙ୍ଗର ସୀମାନ୍ତବର୍ତ୍ତୀ ଅଞ୍ଚଳର ଲକ୍ଷାଧିକ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡିସେମ୍ବର ୩୧ତାରିଖ ସୁଦ୍ଧା କାର୍ଯ୍ୟ ଶେଷ ନ ହେଲେ ସଂଘ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ତେଣୁ ମଞ୍ଚର କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ସମ୍ପାଦକ ଲଳିତରଞ୍ଜନ ସେନାପତି, ସହସମ୍ପାଦକ ଶ୍ରୀମନ୍ତ ଘୋଷ, ଦିଲ୍ଲୀପ ଗିରି, କପିଳେଶ୍ୱର ମହାନ୍ତି ପ୍ରମୁଖ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପୂର୍ତ୍ତ ବିଭାଗ ଉପଖଣ୍ଡ ଯନ୍ତ୍ରୀଙ୍କୁ ଏ ନେଇ ଅବଗତ କରିଛନ୍ତି।



# ଭାଇଚାରା, ବନ୍ଧୁତା ବଜାୟ ରଖିବାକୁ ନେତା, କର୍ମୀ ଓ ସମର୍ଥକଙ୍କୁ ଆହ୍ୱାନ



**ଭୋଗରାଇ, ୩।୧(ସମିସ):** ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀ କସବା କମର୍ଦ୍ଦା ପଞ୍ଚାୟତ କଂଗ୍ରେସ ପକ୍ଷରୁ ଏକ ବିଶାଳ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କଂଗ୍ରେସ ସଭାପତି ଜୟନ୍ତ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାଧାରଣ ବୈଠକରେ ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ୩୨ ନଂ ଜିଲ୍ଲା ପରିଷଦ ଜୋନ ସଭାପତି କାର୍ତ୍ତିକ ଚନ୍ଦ୍ର ପାତ୍ର, ୩୦ ନଂ ଜିଲ୍ଲା ପରିଷଦ ଜୋନ ସଭାପତି ରାଜେନ୍ଦ୍ର ପଣ୍ଡା, ଜିଲ୍ଲା କଂଗ୍ରେସ ଉପ ସଭାପତି ଗୋପବନ୍ଧୁ ମହାପାତ୍ର, ୩୨ ନଂ ଜିଲ୍ଲା ପରିଷଦ ଜୋନ ନେତ୍ରୀ ଉମାରାଣୀ ଦାସ, ପଞ୍ଚାୟତ ସମିତି ସଦସ୍ୟ କେଶବ ଚନ୍ଦ୍ର ମିଶ୍ର, କସବା କମର୍ଦ୍ଦା ସମବାୟ ସମିତିର ସଭାପତି ତଥା ବ୍ଲକ ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ, ମହେଶପୁର ସରପଞ୍ଚ ବରେନ୍ଦ୍ର ପାତ୍ର, କବି ସୁକୁମାର ଦାସ, ଯୁବନେତା ଦେବାଶିଷ ସାହୁ, ଲକ୍ଷ୍ମୀକାନ୍ତ ଭୂୟାଁ, ମାଳତୀ ମିଶ୍ର, ତାପସ ପ୍ରଧାନ, ଏସ୍‌କେ ହେଦାତ ପ୍ରମୁଖ ଯୋଗ ଦେଇ ସଙ୍ଗଠନ ମଧ୍ୟରେ ଭାଇଚାରା ଓ ବନ୍ଧୁତା ବଜାୟ ରଖିବା ପାଇଁ ସମସ୍ତ ନେତା, କର୍ମୀ ଓ ସମର୍ଥକଙ୍କୁ ଆହ୍ୱାନ ଦେଇଥିଲେ। ଏହା ସହ ପଞ୍ଚାୟତସ୍ତରରେ ତୃଣମୂଳ ସ୍ତରରୁ ସାଙ୍ଗଠନିକ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତର ବହୁ ମହିଳା ଗୋଷ୍ଠୀର ସଦସ୍ୟାଙ୍କ ସମେତ ବିଭିନ୍ନ ଗ୍ରାମର ୱାର୍ଡସଭ୍ୟ/ସଭ୍ୟା ଓ ଶତାଧିକ କଂଗ୍ରେସ କର୍ମୀ ଏବଂ ସମର୍ଥକ ଏଥିରେ ଅଂଶଗ୍ରହଣ କରିଥିଲେ।

# ନୀରୋଗ ରହିବାକୁ ସାଇକଲ ଚଳାଇବାକୁ ପରାମର୍ଶ

**ବାଲେଶ୍ୱର, ୩।୧(ସମିସ):** ୱେଲନେସ୍ ଅନ୍ ହୁଇଲ୍ ସଂଗଠନ ପକ୍ଷରୁ ନୂଆବର୍ଷରେ ଏକ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଂଗଠନର ପ୍ରତିଷ୍ଠାତା ସଦସ୍ୟ ସୟଦ ସଲିମ ରାଜାଙ୍କ ନେତୃତ୍ୱରେ ସଦସ୍ୟମାନେ ସିନେମା ଛକରୁ ସାଇକଲ ଯୋଗେ ବାହାରି ତାମୂଲିଆ ଓଭରବ୍ରିଜ, ଓଭରବ୍ରିଜରୁ ଫାଣ୍ଡି ଛକ ଦେଇ ସିନେମା ଛକରେ ପହଞ୍ଚିଥିଲେ। ଏଥିରେ 'ସାଇକେଲ ଚଳାନ୍ତୁ ଓ ନିରୋଗ ରୁହନ୍ତୁ' ବାର୍ତ୍ତା ସମସ୍ତଙ୍କୁ ପ୍ରଦାନ କରିଥିଲେ। ଏହି ସାଇକଲ ଶୋଭାଯାତ୍ରା ମାଧ୍ୟମରେ ପରିବେଶ ପ୍ରଦୂଷଣର ମାତ୍ରା ହ୍ରାସ କରିବା ଲାଗି ଚାରା ରୋପଣ ଓ ସାଇକଲ ବ୍ୟବହାର କରିବାକୁ ବାର୍ତ୍ତା ଦିଆଯାଇଛି। କରୋନା ଯୋଗୁଁ ସମଗ୍ର ବିଶ୍ୱ ଆତଙ୍କିତ ପରିସ୍ଥିତିରେ ଗତି କରିଥିବା ବେଳେ ହୃତପିଣ୍ଡ, ବୃକକ, ଶ୍ୱାସ କ୍ରିୟା ଉପରେ ପ୍ରଭାବ ପଡ଼ିଛି। ତେଣୁ ସାଇକଲ ଚାଳନା କଲେ ନିଶ୍ଚିତ ଭାବେ ଅମ୍ଳଜାନ ପରିମାଣ ବୃଦ୍ଧି ପାଇବ ବୋଲି ସଲିମ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶେଖ ଆରକାନ, ପ୍ରକାଶ ପାଣିଗ୍ରାହୀ, ସିଦ୍ଧାର୍ଥ ପ୍ରଧାନ, ନିତ୍ୟ ନୂତନ ଦେ, ଶେଖ ମୁଜହୀଦ, ବିଶ୍ୱଜିତ ଦାସ, ସୌମ୍ୟ ରଞ୍ଜନ ବିନ୍ଧାଣି, କାଲିମ ଖାନ, ଶୁଭମ ଅଗ୍ରୱାଲ, ଜିନେନ୍ଦ୍ର ବାନ୍ଥିଆ, ମହମ୍ମଦ ସାହା ନାୱାଜ ଏବଂ ମହାବୀର ସାଇକେଲ ଷ୍ଟୋରର ମୁଖ୍ୟ ଆକ୍ଷିତ ଜୈନଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ।




# ଭାଲୁ ଆକ୍ରମଣରେ ୫ ଆହତ

**ନୀଳଗିରି, ୩।୧(ସମିସ):** ବାଲେଶ୍ୱର ଜିଲ୍ଲା କୁଳଡିହା ଅଭୟାରଣ୍ୟରୁ ଏକ ଭାଲୁ ନୀଳଗିରି ଥାନା ଔପଦା ବ୍ଲକ ବାଉଁଶବଣିଆ ପଞ୍ଚାୟତ ଟଣକା ଗାଁରେ ପଶି ଆତଙ୍କ ରଚିଛି। ଗୋଡ଼ାଇ ଗୋଡ଼ାଇ ଲୋକଙ୍କୁ ଆକ୍ରମଣ କରିଛି। ଏହା ଫଳରେ ଜଣେ ଗୁରୁତର ହୋଇଥିବା ବେଳେ ଆଉ ୫ ଜଣ ଆହତ ହୋଇଛନ୍ତି। ଗୁରୁତର ଲକ୍ଷ୍ମୀଧର ନାୟକ (୫୫) ତାଙ୍କ ବାଡିକୁ ଦାନ୍ତକାଠି ଆଣିବାକୁ ଯାଇଥିବା ବେଳେ ଲୁଚି ରହିଥିବା ଭାଲୁଟି ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚିବାରୁ ଭାଲୁଟି ପଳାଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଭାଲୁଟି ଡୋଲପୁର ଗ୍ରାମରେ ଆତଙ୍କ ଖେଳାଇଥିଲା। ଭୟରେ ଲୋକେ ଜୀବନ ବଞ୍ଚାଇବାକୁ ଯାଇ ଗାଡ଼ିଆକୁ ଡେଇଁ ପଡ଼ିଥିଲେ। ବନ ବିଭାଗ ଓ ଗ୍ରାମବାସୀ ଭାଲୁଟିକୁ ଗୋଡ଼ାଇ ଜଙ୍ଗଲକୁ ଘଉଡାଇବାବେଳେ ଡୋଲପୁର ଗ୍ରାମର ଶିବଶଙ୍କର ସିଂ (୨୫) ଆହତ ହୋଇଛନ୍ତି। ଅନ୍ୟ ୪ ଜଣଙ୍କୁ ମଧ୍ୟ ଆକ୍ରମଣ କରିଥିଲା।

# ପ୍ରାକ୍ତନ ବିଧାୟକଙ୍କ ଲାଗି ଦୀପଦାନ

**ରାଜଘାଟ, ୩।୧(ସମିସ):** ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ସୁସ୍ଥ ଜୀବନ ଓ ଆଶୁ ଆରୋଗ୍ୟ କାମନା କରି ପାଉଁଶକୁଲି ପଞ୍ଚାୟତ ସୋନପୁର ମା' ତାରିଣୀଙ୍କ ପୀଠରେ ବିଜେପି କାର୍ଯ୍ୟକର୍ତ୍ତା ଏବଂ ଗ୍ରାମବାସୀ ପୂଜାର୍ଚ୍ଚନା କରିଛନ୍ତି। ଏହା ସହ ଦୀପ ପ୍ରଜ୍ୱଳନ କରାଯାଇଛି। ନାରାୟଣ ଚନ୍ଦ୍ର ଦତ୍ତ, ଜ୍ୟୋତିର୍ମୟ ନନ୍ଦ, ମହେଶ୍ୱର ସାହୁ, ଅଜିତ ଦାସ ମହାପାତ୍ର, ବିଶ୍ୱଜିତ ଧଳ, ଶୁଭ୍ରଜିତ ପରିଡ଼ା, ବିଜୟ ଜେନା, ସାର୍ଥକ ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# 'ଚାଷୀଙ୍କୁ କ୍ଷତିପୂରଣ ଦିଅ'

**ନୀଳଗିରି, ୩।୧(ସମିସ):** ଚକଡ଼ା ପୋକ ଓ ବର୍ଷା ଅଭାବରୁ ନୀଳଗିରି ଅଞ୍ଚଳରେ ଧାନ ଚାଷରେ ବହୁତ କ୍ଷତି ହୋଇଛି। ଉପଯୁକ୍ତ ଚାଷକୁ ପାଣି ପାଗ ଠିକ୍ ଥିଲେ ଚାଷୀ ୧ ଏକରରୁ ୧୫ କୁଇଣ୍ଟାଲ ଧାନ ଉପାର୍ଜନ କରିଥାନ୍ତେ; ମାତ୍ର ଚଳିତ ବର୍ଷ ଚକଡ଼ା ପୋକ ଓ ବର୍ଷା ଅଭାବରୁ ଚାଷୀକୁ ବହୁତ କ୍ଷତି ସହିବାକୁ ପଡ଼ିଛି। ଏହାର ପ୍ରତିବାଦରେ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବି ନେଇ ଅଖିଳ ଭାରତ କୃଷକ ସଭା ତରଫରୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୈଳାସ ମଣ୍ଡା ଓ ସରପଞ୍ଚ ନିରଞ୍ଜନ ବାରିକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଧାରଣରେ ବସିଛନ୍ତି।

# ଭୋଗରାଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଶୁଭେଚ୍ଛା



**ଚୌକି, ୩।୧(ସମିସ):** ଭୋଗରାଇ ବ୍ଲକ ଲେବୁଲ ୩ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳ ଲୋଚନ ବିଶ୍ୱାଳଙ୍କ ସମେତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ପଣ୍ଡା, ବିଆର୍‌ସିସି ରଷଭ ମହାପାତ୍ରଙ୍କୁ ନବବର୍ଷ ଅବସରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି। ସଙ୍ଘର କର୍ମକର୍ତ୍ତା ସତ୍ୟରଞ୍ଜନ ସେଠୀ, ପରିତୋଷ ଦାସ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଫେବୃଆରୀ ୭ରୁ ରାଇବଣିଆ ମହୋତ୍ସବ



**ଜଳେଶ୍ୱର ବ୍ଲକ, ୩।୧(ସମିସ):** ଦୀର୍ଘ ୧୩ବର୍ଷ ଧରି ରାଇବଣିଆର ହାତୀଗଡ଼ ଡାକ୍ତରଖାନା ନିକଟ ପଡ଼ିଆରେ ରାଇବଣିଆ ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଛି। ଫେବୃଆରୀ ୭ରେ ଏହା ଅନୁଷ୍ଠିତ ହେବ। ରାଇବଣିଆରେ ସର୍ବାଧିକ ଆଦିବାସୀ ବସବାସ କରି ଆସୁଥିବାରୁ ସେମାନଙ୍କ ସଂସ୍କୃତି, ଐତିହ୍ୟ, ଚଳଣି, ପରମ୍ପରା ସମ୍ପର୍କରେ ରାଇବଣିଆ ମହୋତ୍ସବରେ ପ୍ରଦର୍ଶିତ ହୋଇଥାଏ। ତେଣୁ ଓଡ଼ିଶା ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରୁ ଆଦିବାସୀମାନେ ଏହି ମହୋତ୍ସବକୁ ଆସୁଥିବାରୁ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। ଦୁଇ ରାଜ୍ୟର ନେତୃସ୍ଥାନୀୟ ବ୍ୟକ୍ତି, ଶିକ୍ଷାବିତ୍, ସିନେତାରକା, ଶିଳ୍ପୀ ଯୋଗ ଦେଇଥିଲେ। ଏଥିରେ ଗଙ୍ଗାଧର ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଦିଲ୍ଲୀପ ସାମଲ, ସନ୍ଦୀପ ନାରାୟଣ ଘୋଷ, ନିଗମାନନ୍ଦ ଘୋଷ, କିଶାରାମ ମହାପାତ୍ର, ଅନନ୍ଦ ମହାନ୍ତି, ପ୍ରଫୁଲ୍ଲ ସୁର, ବିଷ୍ଣୁପଦ ଆଚାର୍ଯ୍ୟ, ଗୋପାଳ ଜେନା, ସୁକାନ୍ତ ଦାସ, ବିଜୟ ପ୍ରଧାନ, ବସନ୍ତ ଘୋଷ, ବାବୁ ପାତ୍ର, ମାନସ ଦାସମହାପାତ୍ର, ସୁଭଜିତ୍ ପାଳ, ବଂଶୀଧର ବାରିକ, ସୁକୁମାରେ ପ୍ରଧାନ, ଅନନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

# ରାଜନୈତିକ ଚିନ୍ତାଧାରାରୁ ଦୂରରେ ରହି ସମାଜସେବା ପାଇଁ ଆହ୍ୱାନ

**ଚନ୍ଦନେଶ୍ୱର, ୩।୧(ସମିସ):** ରାଜନୈତିକ ଚିନ୍ତାଧାରାରୁ ଦୂରରେ ରହି ସମାଜ ହିତରେ ନିଜକୁ ନିୟୋଜିତ କଲେ ତାହା ହିଁ ପ୍ରକୃତ ସମାଜସେବା ହୋଇଥାଏ। ଏଥିରେ ନିରପେକ୍ଷତା ରହିଥାଏ। ବାସ୍ତବରେ ସହାୟତା ଆବଶ୍ୟକ କରୁଥିବା ଲୋକଙ୍କ ପାଖରେ ସେବା ପହଞ୍ଚିପାରେ। ଭୋଗରାଇ ବ୍ଲକ ବିଚିତ୍ରପୁର ସ୍ୱେଚ୍ଛାସେବୀ ସଂଘର ବନ୍ଧୁମିଳନ ସମାରୋହରେ ଏହି ମତ ପ୍ରକାଶ ପାଇଛି। ସଂଘର ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧନଞ୍ଜୟ ଜେନା ଏଥିରେ ପୌରୋହିତ୍ୟ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶମ୍ଭୁନାଥ ଜେନା, ପୂର୍ବତନ ଶଙ୍ଖାରୀ ସରପଞ୍ଚ ନଗେନ୍ଦ୍ର ଜେନା, ଅବସରପ୍ରାପ୍ତ ଶିକ୍ଷକ ଶଶୀଭୂଷଣ ମହାନ୍ତି, ସମ୍ପାଦକ ରାଜକୁମାର ପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ ମହାନ୍ତି, ମନ୍ମଥ ମହାନ୍ତି ଓ ପ୍ରଫୁଲ୍ଲ ପାତ୍ର, ଭୁବନ ପାତ୍ର, ଘନଶ୍ୟାମ ନାୟକ, ଶଶିକାନ୍ତ ଭଞ୍ଜ, ତିର୍ଥେସ ରାୟ, ଇଞ୍ଜିନିୟର ବିଦୁବେନ୍ଦୁ ପାତ୍ର, ବିଜୟ ସେନାପତି, ସାମ୍ବାଦିକ ସୁବାସ ଦାସ, ସାମ୍ବାଦିକ ଅମର ମହାନ୍ତି, ପ୍ରଦୀପ ଦାସ, କବି ଶ୍ରୀକୁମାର ଘୋଷ, ଘନଶ୍ୟାମ ନାୟକ, ପ୍ରଶାନ୍ତ ଭୂୟାଁ, ଅନୁରାଧା ମହାନ୍ତି, ଛବିରାଣୀ ପ୍ରଧାନ, ମଞ୍ଜୁଲତା କର, ପୂର୍ଣ୍ଣିମା ବେହେରା, ସୁନୀତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଦୟାନିଧି ଭଞ୍ଜ, ଶିକ୍ଷାବିତ ଶମ୍ଭୁନାଥ ପାତ୍ର, ବନମାଳୀ ଦାସ, ସୁକଣ୍ଠ ପାତ୍ର ପ୍ରମୁଖ ସଙ୍ଗଠନରେ ନୂତନ ସଦସ୍ୟ ରୂପେ ଯୋଗ ଦେଇଥିଲେ।




## ସଡ଼କ ସୁରକ୍ଷା ଦିବସ ପାଳିତ

# ଟୋଲ୍‌ପ୍ଲାଜାରେ ସଚେତନ ହେଲେ ଗାଡ଼ିଚାଳକ

**ଜଳେଶ୍ୱର ବ୍ଲକ, ୩।୧(ସମିସ)**

ଜାନୁଆରୀ ୧ ତାରିଖରୁ ସମଗ୍ର ରାଜ୍ୟରେ ସଡକ ସୁରକ୍ଷା ସପ୍ତାହ ପାଳିତ ହେବା ସହିତ ବିଭିନ୍ନ ସଚେତନତା କାର୍ଯ୍ୟ ଆରମ୍ଭ ହୋଇଛି। ସେହି ଅନୁଯାୟୀ ୬୦ନଂ ଜାତୀୟ ରାଜପଥ ଟୋଲ ପ୍ଲାଜାଠାରେ ବୁଧବାର ସଚେତନତା କାର୍ଯ୍ୟକ୍ରମ ହୋଇଛି। ରାଜପଥରେ ଯାତାୟାତ କରୁଥିବା ଯାନଗୁଡିକର ଚାଳକ ଓ ସହଯୋଗୀଙ୍କୁ ସଚେତନତା ଲାଗି ସେଠାରେ ଉପଦେଶ ଓ ପରାମର୍ଶ ଦିଆଯାଇଛି। ଆୟୋଜିତ ସଭାରେ ବାଲେଶ୍ୱର ଆରଟିଓ ରଶ୍ମିରଞ୍ଜନ ଦଳବେହେରା ଯୋଗ ଦେଇ ଚାଳକମାନେ ମଦ୍ୟପାନ ନ କରିବା, ନିର୍ଦ୍ଦିଷ୍ଟ ସମୟରେ ବିଶ୍ରମ ନେବା, ରାସ୍ତାକଡରେ ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଥିବା ଶୌଚାଳୟ ବ୍ୟବହାର କରିବା ଓ ସରକାରୀ ନିୟମରେ ଗାଡି ଚଳାଚଳ କରିବାକୁ ପରାମର୍ଶ ଦେଇଥିଲେ। ବାଲେଶ୍ୱର ଜିଲାରେ ବର୍ଷକୁ ହାରାହାରି ୪୨୫ ସଡକ ଦୁର୍ଘଟଣା ଘଟୁଥିବା ବେଳେ ୨୧୫ ଜଣଙ୍କର ମୃତ୍ୟୁ ଘଟୁଥିବାରୁ ଏପରି ସମ୍ବେଦନଶୀଳ ଘଟଣାରେ ବାଇକ୍ ଚାଳକଠାରୁ ଟ୍ରକ ଚାଳକ ପର୍ଯ୍ୟନ୍ତ ସମସ୍ତେ ସଚେତନ ହେବାକୁ ସେ ପରାମର୍ଶର୍ ଦେଇଥିଲେ। ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପର ନିର୍ଦ୍ଦେଶକ ସଞ୍ଜୟ ସୁନ୍ଦର ଘଟକ ଏଥିରେ ଯୋଗ ଦେଇ ରାଜପଥକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ସୌନ୍ଦର୍ଯ୍ୟକରଣ କରିବା, ଚାରାଯୋପଣ କରିବା, ଟୋଲପ୍ଲାଜାରେ ଚାଳକଙ୍କ ଲାଗି ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ କହିଥିଲେ। ରଙ୍ଗାମାଟିଆସ୍ଥିତ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ପ୍ରତୀକ ପଟ୍ଟନାୟକ ଗାଡ଼ି ଚାଳକମାନଙ୍କ ଆଖି ପରୀକ୍ଷା କରିଥିଲେ। ଡା. ରାଜେଶ ପାଲ, ଗୌରଭ ପ୍ରଧାନ, ନରେନ୍ଦ୍ର ପ୍ରଧାନ, କିରଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଞ୍ଜୟ ଘଟକ, ହେମନ୍ତ କୁମାର ଓ ଆର୍‌ପିଓ ବିଜୟ ପଟ୍ଟନାୟକ ଯୋଗ ଦେଇ ଗାଡିଚାଳକଙ୍କୁ ସଚେତନ କରାଇଥିଲେ।




# ସାବିତ୍ରୀବାଇ ଫୁଲେଙ୍କ ଜୟନ୍ତୀ




**ଜଳେଶ୍ୱର ବ୍ଲକ, ୩।୧(ସମିସ):** ଆମ୍ବେଦକର ସମତା ମଞ୍ଚ ଓ ଶୁଭ ରଶ୍ମି ମହିଳା ସେବା ସମିତି ପକ୍ଷରୁ ରାଇବଣିଆ ଦୁର୍ଗଠାରେ ସାବିତ୍ରୀବାଇ ଫୁଲେଙ୍କ ୧୯୩ତମ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ମଞ୍ଚର ସଭାପତି ଅଶୋକ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅମିତ୍ ନାୟକ, ସମ୍ମାନୀତ ଅତିଥି ଭାବେ ଅଜିତ୍ ସିଂ, ବାଇନ ହାଁସଦା, ନିରୋଜ ବେହେରା, ବିମଳ ଟୁଡୁ, ସଂଗ୍ରାମ ଜେନା, ଯମୁନା ସରେନ୍, ସୁମି ଟୁଡୁ, ମମତା ସିଂ, ମଞ୍ଜୁ ସିଂ, କାପୁର ମାରାଣ୍ଡି ପ୍ରମୁଖ ସାବିତ୍ରୀବାଇ ଫୁଲେଙ୍କ ସ୍ମୃତିଚାରଣ କରିଥିଲେ।

